# NATIONAL NEWS BULLETIN (ODIA)

**9 June - 2024**

**Evening Bulletin : 10.15 p.m.**

---

# ମୁଖ୍ୟ ସମ୍ବାଦ

- କ୍ରମାଗତ ତୃତୀୟ ଥର ପାଇଁ ଦେଶର ପ୍ରଧାନମନ୍ତ୍ରୀ ଭାବେ ଆଜି ଶପଥ ଗ୍ରହଣ କଲେ ନରେନ୍ଦ୍ର ମୋଦି ।

- ଓଡ଼ିଶାର ନୂତନ ମୁଖ୍ୟମନ୍ତ୍ରୀ ଶପଥଗ୍ରହଣ ଉତ୍ସବ ଆସନ୍ତା ବୁଧବାର ଦିନ ଅନୁଷ୍ଠିତ ହେବ ।

- ଆଜି ପାଳିତ ହେଉଛି ଆନ୍ତର୍ଜାତିକ ଅଭିଲେଖାଗାର ଦିବସ ।

- ଗୁରୁବାରଠାରୁ ଆରମ୍ଭ ହୋଇଥିବା ୪ ଦିନ ବ୍ୟାପୀ ୟୁରୋପୀୟ ସଂଘୀୟ ସଂସଦ ନିର୍ବାଚନରେ ଆଜି ଶେଷଦିନରେ ଜାରି ରହିଛି ମତଦାନ ।

ଏବଂ

- ଆଇ.ସି.ସି. ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍‌ରେ ନ୍ୟୁୟର୍କର ନାସାଉ କାଉଣ୍ଟି ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମ୍‌ରେ ଭାରତ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ଜାରି ।

# ପି.ଏମ୍. - ସ୍ୱେରିଙ୍ଗ୍ ସେରିମନି

କ୍ରମାଗତ ତୃତୀୟ ଥର ପାଇଁ ନରେନ୍ଦ୍ର ମୋଦି ଦେଶର ପ୍ରଧାନମନ୍ତ୍ରୀ ଭାବେ ଆଜି ଶପଥ ଗ୍ରହଣ କରିଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶ୍ରୀ ମୋଦିଙ୍କ ସମେତ କ୍ୟାବିନେଟ୍ ମନ୍ତ୍ରୀ ପରିଷଦର ନୂତନ ସଦସ୍ୟମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ସେମାନଙ୍କ ମଧ୍ୟରେ ରାଜନାଥ ସିଂହ, ଅମିତ୍ ଶାହା, ନିତିନ ଗଡ଼କରୀ, ଜେ.ପି. ନଡ୍ଡା, ଶିବରାଜ ସିଂହ ଚୌହାନ୍, ନିର୍ମଳା ସୀତାରମଣ, ଡକ୍ଟର ସୁବ୍ରମଣ୍ୟମ୍ ଜୟଶଙ୍କର, ମନୋହର ଲାଲ, ଏଚ୍.ଡି. କୁମାରସ୍ୱାମୀ, ପୀୟୁଷ ଗୋୟଲ ରହିଛନ୍ତି । ସେହିପରି ଓଡ଼ିଶାରୁ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ୍ ଓରାମ୍ ଓ ଅଶ୍ୱିନୀ ବୈଷ୍ଣବ ମଧ୍ୟ ପୁନର୍ବାର କ୍ୟାବିନେଟ୍‌ରେ ସ୍ଥାନ ପାଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଜିତନ୍‌ରାମ ମାନ୍‌ଝୀ, ରାଜୀବ ରଞ୍ଜନ ସିଂହ, ସର୍ବାନନ୍ଦ ସୋନୋୱାଲ୍, ଡକ୍ଟର ବୀରେନ୍ଦ୍ର କୁମାର, କେ. ରାମ ମୋହନ ନାଇଡୁ, ପ୍ରହଲ୍ଲାଦ ଯୋଶୀ, ଗିରିରାଜ ସିଂହ, ଭୂପେନ୍ଦ୍ର ଯାଦବ, ଗଜେନ୍ଦ୍ର ସିଂହ ଶେଖାୱତ୍, ଅନ୍ନପୂର୍ଣ୍ଣା ଦେବୀ, କିରଣ ରିଜିଜୁ, ହରଦୀପ୍ ସିଂହ ପୁରି, ଡକ୍ଟର ମନସୁଖ ମାଣ୍ଡବ୍ୟ, ଜି. କିଷନ୍ ରେଡ୍ଡୀ, ଚିରାଗ୍ ପାଶ୍‌ୱାନ୍, ସି.ଆର୍. ପାଟିଲ୍ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଛନ୍ତି ।

ଏହି ଶପଥ ଗ୍ରହଣ ସମାରୋହରେ ଯୋଗଦେବା ପାଇଁ ପଡ଼ୋଶୀ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା, ସେସେଲ୍‌ସର ଉପରାଷ୍ଟ୍ରପତି ଅହମ୍ମଦ ଆଫିଫ, ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ ବିକ୍ରମସିଂଘେ, ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପକମଲ ଦହଲ ପ୍ରଚଣ୍ଡ ମାଲଦ୍ୱୀପର ରାଷ୍ଟ୍ରପତି ଡକ୍ଟର ମହମ୍ମଦ ମୁଇଜୁ, ମରିସସ୍‌ର ପ୍ରଧାନମନ୍ତ୍ରୀ ପ୍ରବିନ୍ଦ କୁମାର ଜଗନ୍ନାଥ ଏବଂ ଭୂଟାନ ପ୍ରଧନମନ୍ତ୍ରୀ ସେରିଙ୍ଗ୍ ତୋବ୍‌ଗେ ଏହି ଶପଥ ଗ୍ରହଣ ସମାରୋହରେ ଯୋଗ ଦେଇଛନ୍ତି ।

ଏ ସମ୍ପର୍କରେ ଅଧିକ ସୂଚନା ଦେଇ ଆମ ସମ୍ବାଦଦାତା କହିଛନ୍ତି, ପଡ଼ୋଶୀ ରାଷ୍ଟ୍ରଗୁଡ଼ିକର ଏହି ନେତାଙ୍କ ଆଗମନ 'ପଡ଼ୋଶୀ ପ୍ରଥମେ ନୀତି' ଏବଂ 'ସମସ୍ତଙ୍କ ପାଇଁ ସୁରକ୍ଷା ଓ ଅଭିବୃଦ୍ଧି'କୁ ଭାରତ ପ୍ରାଥମିକତା ଦେଇଆସୁଥିବା ଏହାର ପ୍ରମାଣ ।

# ନୂତନ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ

ଓଡ଼ିଶାରେ ଆସନ୍ତା ୧୨ ତାରିଖ ବୁଧବାର ଦିନ ନୂଆ ମୁଖ୍ୟମନ୍ତ୍ରୀଙ୍କର ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବ। ଏ ସମ୍ପର୍କରେ ସୂଚନା ଦେଇ ବିଜେପିର ମୁଖପାତ୍ର ଯତୀନ ମହାନ୍ତି କହିଛନ୍ତି, ବିଜେପି ସଂସଦୀୟ ବୋର୍ଡ ନୂଆ ମୁଖ୍ୟମନ୍ତ୍ରୀଙ୍କର ଚୟନ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବ। ୧୧ ତାରିଖରେ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇ ମୁଖ୍ୟମନ୍ତ୍ରୀଙ୍କ ନାଁ ଘୋଷଣା କରାଯିବ। ରାଜ୍ୟପାଳ ରଘୁବର ଦାସ ନୂତନ ମୁଖ୍ୟମନ୍ତ୍ରୀଙ୍କୁ ଶପଥ ପାଠ କରାଇବେ। ଏହି ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଦଳର ବହୁ ବରିଷ୍ଠ ନେତା ତଥା ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀଗଣ ଯୋଗଦେବାର କାର୍ଯ୍ୟସୂଚୀ ରହିଛି।

# ସିକ୍କିମ୍ - ସ୍ୱେରିଙ୍ଗି

ସିକ୍କିମ୍‌ର ନବନିର୍ବାଚିତ ମୁଖ୍ୟମନ୍ତ୍ରୀ ପ୍ରେମସିଂ ତମାଙ୍ଗ ଏବଂ ତାଙ୍କ ମନ୍ତ୍ରିମଣ୍ଡଳ ଆସନ୍ତାକାଲି ଅପରାହ୍ନ ୪ଟାରେ ଗ୍ୟାଙ୍ଗଟକ୍‌ର ପାଲ୍‌ଜୋର ଷ୍ଟାଡିୟମ୍‌ରେ ଶପଥ ଗ୍ରହଣ କରିବେ। ରାଜ୍ୟପାଳ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟ ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇବେ। ସିକ୍କିମ କ୍ରାନ୍ତିକାରୀ ମୋର୍ଚ୍ଚାର ମୁଖ୍ୟ ଶ୍ରୀ ତମାଙ୍ଗ ଦ୍ୱିତୀୟ ଥର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ସୂଚନାଯୋଗ୍ୟ, ଶ୍ରୀ ତମାଙ୍ଗଙ୍କ ନେତୃତ୍ୱାଧୀନ ସିକ୍କିମ କ୍ରାନ୍ତିକାରୀ ମୋର୍ଚ୍ଚା ସିକ୍କିମ ବିଧାନସଭାର ମୋଟ୍ ୩୨ଟି ଆସନ ମଧ୍ୟରୁ ୩୧ଟି ଆସନରେ ବିଜୟ ଲାଭ କରିଛି।

# କେରଳ ଆସେମ୍ବ୍ଲି

ପଞ୍ଚଦଶ କେରଳ ବିଧାନସଭାର ଏକଦଶ ଅଧିବେଶନ ଆସନ୍ତାକାଲି ଆରମ୍ଭ ହେବ । ୨୮ ଦିନ ବ୍ୟାପୀ ଚାଲିବାକୁ ଥିବା ଏହି ଅଧିବେଶନଗୁଡ଼ିକରେ ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟ ବଜେଟ୍ ଅନୁଦାନ ସଂକ୍ରାନ୍ତ ବିସ୍ତୃତ ଆଲୋଚନା ହେବ, ଯାହାକି ଗତ ଫେବୃୟାରୀ ମାସରେ ଆଗତ କରାଯାଇଥିଲା । ଏହି ଅଧିବେଶନରେ ସରକାରୀ ବଜେଟ୍ ଅନୁଦାନ ସଂକ୍ରାନ୍ତ ଆଲୋଚନା ପାଇଁ ୮ ଦିନ ରହିଥିବାବେଳେ ବେସରକାର ଅନୁଦାନ ସଂକ୍ରାନ୍ତ ଆଲୋଚନା ପାଇଁ ୫ ଦିନ ରହିଛି । ଏହି ଅଧିବେଶନ ଜୁଲାଇ ୨୫ ତାରିଖରେ ଶେଷ ହେବ । ଚଳିତ ଅଧିବେଶନରେ କେରଳ ପଞ୍ଚାୟତିରାଜ (ସଂଶୋଧନ) ବିଧେୟକ ଏବଂ କେରଳ ମ୍ୟୁନିସିପାଲିଟି (ସଂଶୋଧନ) ବିଧେୟକ ଉପସ୍ଥାପନ କରାଯିବ ।

# ଆନ୍ତଃରାଷ୍ଟ୍ରୀୟ ଅଭିଲେଖାଗାର ଦିବସ

ତଥ୍ୟ ସମ୍ବଳିତ ଦସ୍ତାବିଜ ଏବଂ କାଗଜପତ୍ର ଗୁଡ଼ିକୁ ଦୀର୍ଘ ସମୟ ଧରି ସୁରକ୍ଷିତ ରଖିବାରେ ମହତ୍ତ୍ୱ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଆଜି ଆନ୍ତର୍ଜାତିକ ଅଭିଲେଖାଗାର ଦିବସ ପାଳିତ ହେଉଛି। ୨୦୦୪ରେ ଅଷ୍ଟ୍ରିଆର ରାଜଧାନୀ ଭିଏନାଠାରେ ଆୟୋଜିତ ଆନ୍ତର୍ଜାତିକ ସମ୍ମିଳନୀରେ ଅନେକ ଲୋକ ଭାଗ ନେଇଥିଲେ। ଏହି ସମ୍ମିଳନୀରେ ଆନ୍ତର୍ଜାତିକ ଅଭିଲେଖାଗାର ଦିବସ ପାଳନ ଲାଗି ଶପଥ ନିଆଯାଇଥିଲା। ୨୦୦୭ ଜୁନ୍ ୯ ତାରିଖରେ ପ୍ରଥମ ଅଭିଲେଖାଗାର ଦିବସ  ପାଳନ କରାଯାଇଥିଲା।

# ଶୀତଳ ଷଷ୍ଠୀ

ସମ୍ବଲପୁର ସହରରେ ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଇଁ ଉତ୍ସବ ମୁଖର ହୋଇଉଠିଛି। ରୀତିନୀତି ଅନୁସାରେ ଆଜି ଲୋକନାଥ ବାବା, ଜାଗେଶ୍ୱର ବାବା, ଶୀତଳେଶ୍ୱର ବାବା ଓଁକାରେଶ୍ୱର ବାବା, ପାହାଡେଶ୍ୱର ବାବାଙ୍କ ପତରପେଣ୍ଡି କାର୍ଯ୍ୟକ୍ରମ ହୋଇଯାଇଛି। ମୋଦୀପଡା ଓ ଝାଡୁଆପଡାରେ ଦେବ ନିମନ୍ତ୍ରଣ ସରିଛି। ଆସନ୍ତାକାଲି ଶୀତଳଷଷ୍ଠୀ ଯାତ୍ରାର ମୁଖ୍ୟ ଆକର୍ଷଣ ଶିବ ବିବାହ ଏବଂ ମଙ୍ଗଳବାର ଦିନ ନଗର ପରିକ୍ରମା ଏବଂ ବୁଧବାର ଦନି ଦେବ ଦମ୍ପତ୍ତିକଙ୍କର ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ରହିଛି।

ବରଗଡ଼ ଜିଲ୍ଲା ବରପାଲିର ଶୀତଳଷଷ୍ଠୀ ଯାତ୍ରା ଆଜି ଆରମ୍ଭ ହୋଇଛି। ବାବା କପିଳେଶ୍ୱର ଏବଂ ମାତା ପାର୍ବତୀଙ୍କର ଦେବ ବିବାହ ଆୟୋଜିତ ପାଇଁ ବରପାଲି ଉତ୍ସବମୁଖର ହୋଇଉଠିଛି। କନ୍ୟା ମନୋନୟନ ଏବଂ ପତରପେଣ୍ଡି ବିଧି ଅନୁଯାୟୀ ସମ୍ପନ୍ନ ହୋଇଛି। ବିଧିମତେ ଉଭୟେ  ବର ଏବଂ କନ୍ୟା ପକ୍ଷଙ୍କ ତରଫରୁ ବିବାହ ପାଇଁ ଲଗ୍ନସ୍ଥିର ହୋଇଛି।

# ଦିଲ୍ଲୀ - ଆତିଶି - ଏଲ୍.ଜି. ଇମର୍ଜେନ୍ସି ମିଟ୍

ଦିଲ୍ଲୀ ଉପରାଜ୍ୟପାଳ ବିନୟ କୁମାର ସାକ୍ସେନା ଆସନ୍ତାକାଲି ପୂର୍ବାହ୍ନ ୧୧ଟାରେ ଦିଲ୍ଲୀ ଜଳ ମନ୍ତ୍ରୀ ଆତିଶିଙ୍କ ସହ ଏକ ବୈଠକ କରିବେ । ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟରେ ରାଜଭବନ ପକ୍ଷରୁ' ଦିଲ୍ଲୀ ଉପରାଜ୍ୟପାଳ ଅଧିକାରୀମାନଙ୍କୁ ଦିଲ୍ଲୀକୁ ହିମାଚଳ ପ୍ରଦେଶ ଓ ହରିୟାଣାରୁ ଜଳଯୋଗାଣର ପ୍ରକୃତ ସ୍ଥିତି ବିଷୟରେ ଅବଗତ କରାଇବାକୁ ନିର୍ଦ୍ଦେଶ ଦେଇଥିବାର ସୂଚନା ଦିଆଯାଇଛି । ସେ ମଧ୍ୟ ସୁପ୍ରିମ୍‌କୋର୍ଟଙ୍କ ଆଦେଶ ଅନୁସାରେ ଜାତୀୟ ରାଜଧାନୀ ଅଞ୍ଚଳରେ ଜଳ ଅପଚୟ ରୋକିବା ଏବଂ ଜଳ ବିଶୋଧନର ସ୍ଥିତି ଦିଗରେ ନିଆଯାଇଥିବା ପଦକ୍ଷେପର ଅନୁଧ୍ୟାନ ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବରୁ ଆତିଶି ଜାତୀୟ ରାଜଧାନୀ ଅଞ୍ଚଳରେ ଜଳସଙ୍କଟ ଉପରେ ଆଲୋଚନାପାଇଁ ଏକ ଜରୁରୀ ବୈଠକ ନିମନ୍ତେ ଉପରାଜ୍ୟପାଳଙ୍କୁ ଅନୁରୋଧ କରିଥିଲେ ।

# ଇ.ୟୁ. ପାର୍ଲାମେଣ୍ଟ ଇଲେକ୍‌ସନ୍

ୟୁରୋପୀୟ ସଂଘୀୟ ସଂସଦ ନିର୍ବାଚନ ଜାରି ରହିଛି । ସେଠାରେ ୨୭ଟି ଦେଶରେ ୪୦ କୋଟିରୁ ଊର୍ଦ୍ଧ୍ୱ ଭୋଟର୍ ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବାର ଆଶା କରାଯାଉଛି । ଏହି ନିର୍ବାଚନରେ ୟୁରୋପୀୟ ସଂସଦ ପାଇଁ ୭୨୦ ଜଣ ସଦସ୍ୟଙ୍କୁ ନିର୍ବାଚିତ କରାଯିବ । ଗତ ଗୁରୁବାର ଦିନ ନେଦରଲ୍ୟାଣ୍ଡ୍‌ସ୍‌ରେ ନିର୍ବାଚନ ଆରମ୍ଭ ହୋଇଥିବାବେଳେ ଅନ୍ୟ ଦେଶଗୁଡ଼ିକରେ ଶୁକ୍ରବାର ଓ ଗତକାଲି ଭୋଟ୍‌ଗ୍ରହଣ ହୋଇଥିଲା । ଆଜି ୟୁରୋପୀୟ ସଂଘପାଇଁ ଫ୍ରାନ୍‌ସ, ଜର୍ମାନୀ, ପୋଲାଣ୍ଡ ଏବଂ ସ୍ପେନ୍‌ରେ ମତଦାନ ଅନୁଷ୍ଠିତ ହେଉଥିବାବେଳେ ଇଟାଲୀରେ ଦ୍ୱିତୀୟ ଦିନପାଇଁ ଭୋଟ୍‌ଗ୍ରହଣ ହେଉଛି । ୟୁରୋପୀୟ ସଂଘ ସଂସଦ ସିଧାସଳଖ ୟୁରୋପୀୟ ନାଗରିକ୍ ଏବଂ ୟୁରୋପୀୟ ସଂଘୀୟ ସଂସ୍ଥାଗୁଡ଼ିକ ସହିତ ଯୋଗସୂତ୍ର ରଖିଥାଏ । ୟୁକ୍ରେନ୍ ଯୁଦ୍ଧ, ପ୍ରବାସ ଏବଂ କୃଷକମାନଙ୍କ ଉପରେ ଜଳବାୟୁ ନୀତିର ପ୍ରଭାବ ଆଦି ପ୍ରମୁଖ ସମସ୍ୟା ଭୋଟର୍‌ମାନଙ୍କୁ ମତଦାନ ସମୟରେ ପ୍ରଭାବିତ କରିବାର ଆଶା କରାଯାଉଛି । ଏହି ନିର୍ବାଚନ ପ୍ରତି ୫ ବର୍ଷରେ ଜୁନ୍ ମାସରେ ୪ ଦିନ ପାଇଁ ଅନୁଷ୍ଠିତ ହୋଇଥାଏ ।

# ଟି-ଟ୍ୱେଣ୍ଟି ୱାର୍ଲଡ୍ କପ୍

ଆଇ.ସି.ସି. ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍‌ରେ ଗୁଏନାର ପ୍ରୋଭିଡେନ୍ସ ଷ୍ଟାଡିୟମ୍‌ରେ ଆଜି ଗ୍ରୁପ୍-ସି'ର ଏକ ମ୍ୟାଚ୍‌ରେ ୱେଷ୍ଟ୍ ଇଣ୍ଡିଜ୍ ଉଗାଣ୍ଡାକୁ ୧୩୪ ରନ୍‌ରେ ପରାସ୍ତ କରିଛି । ୧୭୪ ରନ୍‌ର୍ ବିଜୟ ଲକ୍ଷ୍ୟକୁ ପିଛା କରି ଉଗାଣ୍ଡା ୧୨ ଓଭର୍‌ରେ ସମସ୍ତ ୱିକେଟ୍ ହରାଇ ୩୯ ରନ୍ କରିଥିଲା, ଯାହାକି ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ଯୁଗ୍ମ-ସର୍ବନିମ୍ନ ଦଳଗତ ସ୍କୋର । ପୂର୍ବରୁ ୨୦୧୪ ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ଶ୍ରୀଲଙ୍କା ନେଦରଲ୍ୟାଣ୍ଡ୍‌ସକୁ ୩୯ ରନ୍‌ରେ ଅଲ୍‌ଆଉଟ୍ କରିଥିଲା । ୱେଷ୍ଟ ଇଣ୍ଡିଜ୍ ପକ୍ଷରୁ ଅକିଲ୍ ହୋସେନ୍ ୧୧ ରନ୍‌ଦେଇ ୫ଟି ୱିକେଟ୍ ଅକ୍ତିଆର କରିଥିବାବେଳେ ଜନ୍‌ସନ୍ ଚାର୍ଲସ ୪୨ଟି ବଲ୍‌ରୁ ସର୍ବାଧିକ ୪୪ ରନ୍ ସଂଗ୍ରହ କରିଥିଲେ ।

ଆଜିର ଦ୍ୱିତୀୟ ମ୍ୟାଚ୍ କ୍ରିକେଟ୍ ଜଗତର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ନ୍ୟୁୟର୍କର ନାସାଉ କାଉଣ୍ଟି ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମ୍‌ରେ ଜାରି ରହିଛି ।

ଆଜିର ତୃତୀୟ ମ୍ୟାଚ୍ ଆଣ୍ଟିଗୁଆର ସାର୍ ଭିଭିଆନ୍ ରିଜାର୍ଡ୍‌ସ ଷ୍ଟାଡିୟମ୍‌ରେ ଓମାନ ଓ ସ୍କଟଲ୍ୟାଣ୍ଡ୍ ମଧ୍ୟରେ ଭାରତୀୟ ସମୟ ରାତି ସାଢ଼େ ୧୦.୩୦ଟାରେ ଖେଳାଯିବ ।

# ଆଇ.ଏମ୍.ଡି. - ୱେଦର

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେନ୍ଦ୍ରୀୟ ଆରବ ସାଗରର ଅବଶିଷ୍ଟ ଅଂଶ, ଉତ୍ତର ଆରବସାଗରର କିଛି ଅଂଶ ଏବଂ ମୁମ୍ବାଇ ସମେତ ମହାରାଷ୍ଟ୍ରକୁ ଆଜି ଅଗ୍ରସର ହୋଇଛି । ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁଯାୟୀ ଦକ୍ଷିଣ କୋଙ୍କଣ, ଗୋଆ, ଦକ୍ଷିଣ ମଧ୍ୟ ମହାରାଷ୍ଟ୍ର, ଉପକୂଳ ଏବଂ ଉତ୍ତର ଆଭ୍ୟନ୍ତରୀଣ କର୍ଣ୍ଣାଟକ ଅଞ୍ଚଳରେ ଆସନ୍ତାକାଲି ପର୍ଯ୍ୟନ୍ତ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ଏହାଛଡ଼ା ଅରୁଣାଚଳ ପ୍ରଦେଶ, ଆସାମ, ମେଘାଳୟ, ନାଗାଲାଣ୍ଡ, ମଣିପୁର, ମିଜୋରାମ, ତ୍ରିପୁରା, ପଶ୍ଚିମବଙ୍ଗର ଉପ-ହିମାଳୟ ଅଞ୍ଚଳ ଏବଂ ସିକ୍କିମରେ ଆସନ୍ତା ୭ ଦିନ ପର୍ଯ୍ୟନ୍ତ ଘଡ଼ଘଡ଼ି ବିଜୁଳି ସହ ସାମାନ୍ୟରୁ ମଧ୍ୟମ ବୃଷ୍ଟିପାତ ହେବ ବୋଲି ପାଣିପାଗ ବିଭାଗ ଆକଳନ କରିଛି । ସ୍ଥଳ ବିଶେଷରେ ପବନର ବେଗ ୪୦ କିଲୋମିଟର ହୋଇପାରେ ।

ଏହାବ୍ୟତୀତ ହୋଇ ଉତ୍ତର-ପଶ୍ଚିମ ଭାରତ ଅଞ୍ଚଳରେ ଆଜିଠାରୁ ଗ୍ରୀଷ୍ମପ୍ରବାହ ଆରମ୍ଭ ହୋଇ ଗୁରୁବାର ପର୍ଯ୍ୟନ୍ତ ଜାରି ରହିବାର ପାଣିପାଗ ବିଭାଗ ସୂଚନା ଦେଇଛି । ସେହି ଅଞ୍ଚଳଗୁଡ଼ିକ ମଧ୍ୟରେ ପଞ୍ଜାବ, ହରିୟାଣା, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଗାଙ୍ଗେୟ ଅଞ୍ଚଳ, ଜମ୍ମୁ ଡିଭିଜନ, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଦିଲ୍ଲୀ, ପଶ୍ଚିମ ରାଜସ୍ଥାନ ଏବଂ ମଧ୍ୟପ୍ରଦେଶ ରହିଛି ।